# NATIONAL NEWS BULLETIN (ODIA)
## 27 January - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ-ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ।

– ଦେଶର ଚାଷୀ ଏବଂ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ହେବେ ଅଧିକ ଲାଭବାନ, କହିଲେ ପ୍ରଧାନମନ୍ତ୍ରୀ ।

- ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସଂସଦର ବଜେଟ୍ ଅଧିବେଶନ ।

– ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ।

- ଦ୍ୱିପାକ୍ଷିକ ସହଭାଗିତା ଏବଂ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଷଷ୍ଠଦଶ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ସହମତି ।

ଏବଂ

- ୧୯ ବର୍ଷରୁ କମ୍ ପୁରୁଷବର୍ଗ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଜିମ୍ବାୱେ ସମ୍ମୁଖରେ ୩୫୩ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ ।

# ପିଏମ୍-ଇଣ୍ଡିଆ-ୟୁଏସ୍ ଟକ୍ସ

ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଆଜି ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟର କମିଶନର ଅଧ୍ୟକ୍ଷ ଉର୍ଷୁଲା ଭନ୍ ଡେର୍ ଲେୟନ୍ ପରସ୍ପର ମଧ୍ୟରେ ଏହି ଐତିହାସିକ ଚୁକ୍ତିନାମାକୁ ଆଦାନ ପ୍ରଦାନ କରିଛନ୍ତି । ଉଭୟ ପକ୍ଷରୁ ବାଣଜ୍ୟ, ସୁରକ୍ଷା, ପ୍ରତିରକ୍ଷା ସହଭାଗିତା, ବିପର୍ଯ୍ୟୟ ପରିଚାଳନା, ସବୁଜ ଉଦ୍ୟାନ ଆଦି ବିଭିନ୍ନ କ୍ଷେତ୍ର ଉପରେ ପ୍ରତିନିଧି ମଣ୍ଡଳୀ ସ୍ତରୀୟ ବ୍ୟାପକ ଆଲୋଚନା ପରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମୁକ୍ତି ବାଣିଜ୍ୟ ଚୁକ୍ତିନାମାକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି । ଦେଶର ଚାଷୀ ଏବଂ ଏମ୍.ଏସ୍.ଏମ୍.ଇ କ୍ଷେତ୍ର ଏହାଦ୍ୱାରା ଅଧିକ ଲାଭବାନ ହେବା ସହିତ ନିବେଶ ବୃଦ୍ଧିକୁ ଏହା ତ୍ୱରାନ୍ୱିତ କରିବ । ଦ୍ୱିପାକ୍ଷିକ ନବସୃଜନ ସହଭାଗିତା ଏବଂ ବିଶ୍ୱସ୍ତରରେ ଯୋଗାଣ ଶୃଙ୍ଖଳକୁ ଏହା ମଜବୁତ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

**VO-1-PM-ON-FTA**

ଶ୍ରୀ ମୋଦୀ କହିଛନ୍ତି, ଏହା କେବଳ ଏକ ବାଣିଜ୍ୟ ଚୁକ୍ତି ନୁହେଁ ବରଂ ଭବିଷ୍ୟତ ସହଭାଗିତା ବୃଦ୍ଧି ନେଇ ମାର୍ଗ ଉନ୍ମୁକ୍ତ କରିଛି । ବିଶ୍ୱ ପ୍ରତିଷ୍ଠାନଗୁଡ଼ିକର ସଂସ୍କାର ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ

କହିଛନ୍ତି, ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ-ୟୁରୋପୀୟ ସଂଘ ବ୍ୟବସାୟ ଶିଖର ସମ୍ମିଳନୀ ଏକ ବ୍ୟାପକ ମଞ୍ଚ ପ୍ରଦାନ କରିଛି ।

ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା କହିଛନ୍ତି, ଭାରତ ଏବଂ ୟୁରୋପୀୟ ସଂଘ ଏକ ନୂତନ ଏବଂ ନିର୍ଭରଯୋଗ୍ୟ ଅଂଶିଦାର ଭାବେ ସହମତ ହୋଇଛନ୍ତି । ବିଭିନ୍ନ ବୈଶ୍ୱିକ କ୍ଷେତ୍ରରେ ଭାରତ ଏବଂ ୟୁରୋପୀୟ ସଂଘ ନେତୃତ୍ୱ ଗ୍ରହଣ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ଷୁଲା କହିଛନ୍ତି, ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉଭୟ ପକ୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଚୁକ୍ତିନାମା ମଧ୍ୟରେ ସବୁଠାରୁ ମହତ୍ୱ ପୂର୍ଣ୍ଣ । ଭାରତ ଏବଂ ୟୁରୋପରେ ନିଯୁକ୍ତି କ୍ଷେତ୍ରକୁ ଏହା ତ୍ୱରାନ୍ୱିତ କରିବା ସହ ଗତକାଲିର ଗଣତନ୍ତ୍ର ଦିବସରେ ଅତିଥି ଭାବେ ସାମିଲ ହୋଇଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଅଲ୍ ପାର୍ଟି ମିଟିଂ

ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଆସନ୍ତା ଏପ୍ରିଲ୍ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ

ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଅଧିବେଶନ କାଳରେ ୩୦ଟି ବୈଠକ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ଆସନ୍ତା ମାସ ପହିଲାରେ ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରାଯିବ ।

ଅଧିବେଶନର ଅବ୍ୟବହିତ ପୂର୍ବରୁ ନୂଆଦିଲ୍ଲୀର ସଂସଦ ଭବନ ସମ୍ମିଳନୀ କକ୍ଷରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ସଦସ୍ୟ ତଥା ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଏବଂ ସଂସଦର ଅଧିବେଶନକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ବୈଠକରେ ମତ ବିନିମୟ ହୋଇଛି ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଅଧିବେଶନକୁ ସୁରୁଖୁରୁରେ ଚଳାଇବା ନେଇ ସବୁ ରାଜନୈତିକ ଦଳର ସହଯୋଗ କାମନା କରାଯାଇଛି ।

**VO-2-KIREN-RIJIJU**

# ବଜେଟ୍-ହାଲ୍ୱା ସେରିମନୀ

ଆସନ୍ତା ଆର୍ଥିକ ବର୍ଷ ବଜେଟ୍ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ନୂଆଦିଲ୍ଲୀରେ ଆଜି ପାରମ୍ପରିକ ହାଲୁଆ ସମାରୋହ ଅନୁଷ୍ଠିତ ହୋଇଛି ।

ଅର୍ଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ମନ୍ତ୍ରଣାଳୟ ଅଧିନସ୍ଥ ସବୁ ବିଭାଗର ସଚିବ ଏବଂ ବଜେଟ୍ ପ୍ରସ୍ତୁତିରେ ସାମିଲ ଥିବା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଅର୍ଥମନ୍ତ୍ରୀ ବଜେଟ୍ ପୁସ୍ତକ ଛପା ଯାଉଥିବା ପ୍ରେସ୍‌କୁ ମଧ୍ୟ ଆଜି ପରିଦର୍ଶନ କରିବା ସହିତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ।

## ଇଣ୍ଡିଆ-ଇୟୁ ଆଜେଣ୍ଡା

ଷଷ୍ଠଦଶ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ଆଜି ଦ୍ୱିପାକ୍ଷିକ ବ୍ୟାପକ ରଣନୈତିକ କ୍ଷେତ୍ର, ସହଯୋଗୀତା ଏବଂ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା ହୋଇଛି । ସ୍ୱଚ୍ଛଶକ୍ତି, ଜଳବାୟୁ ସହଭାଗିତା, ପ୍ରଯୁକ୍ତିବିଦ୍ୟା, ବିଦ୍ୟୁତ୍ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଉଭୟ ପକ୍ଷ ସହମତ ହୋଇଛନ୍ତି । ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ୨୦ରୁ ଅଧିକ ବର୍ଷ ଧରି ରହିଥିବା ରଣନୈତିକ ସହଭାଗିତା ଆଧାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହେବା ଏବଂ ବିଭିନ୍ନ କ୍ଷେତ୍ରରେ ସହଭାଗି ଭାବରେ କାର୍ଯ୍ୟ କରିବାକୁ ଉଭୟପକ୍ଷ ପ୍ରତିବଦ୍ଧତା ଦୋହରାଇଛନ୍ତି । ଆନ୍ତର୍ଜାତିକ ଆଇନ୍, ଆଞ୍ଚଳିକ ଅଖଣ୍ଡତା ଏବଂ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ପାରସ୍ପରିକ ସମ୍ମାନ ଆଧାରିତ ଏକ ମୁକ୍ତ, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଉପରେ ଉଭୟ ପକ୍ଷ ସହମତ ହୋଇଛନ୍ତି ।

# ଇଣ୍ଡିଆ ଇୟୁ ବିଜ୍‌ନେସ୍ ଫୋରମ୍

ଭାରତ-ୟୁରୋପୀୟ ସଂଘ ବ୍ୟବସାୟ ସମ୍ମିଳନୀ ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ଷୁଲା ଭନ୍ ଡେର୍ ଲେୟନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବାଣିଜ୍ୟ, ନିବେଶ, ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଶକ୍ତି, ଦକ୍ଷତା, ଷ୍ଟାର୍ଟଅପ୍, ଭିତ୍ତିଭୂମି, ଯୋଗାଣ ଶୃଙ୍ଖଳ ଆଦି ବିଭିନ୍ନ କ୍ଷେତ୍ରରେ ଉଭୟ ପକ୍ଷର ଅଂଶିଦାର ଏଥିରେ ଯୋଗଦେଇ ମତବିନିମୟ କରିଛନ୍ତି । ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୟୁରୋପୀୟ ସଂଘରେ ଭାରତର ନିବେଶ ପ୍ରାୟ ୪୦ ବିଲିୟନ୍ ୟୁରୋରେ ପହଞ୍ଚିଛି । ଉଭୟ ପକ୍ଷର ଶିଳ୍ପ ଗୋଷ୍ଠୀ ମଧ୍ୟରେ ଗବେଷଣା, ବିକାଶ, ଉତ୍ପାଦନ ଆଦି ବିଭିନ୍ନ କ୍ଷେତ୍ରରେ ସୁଦୃଢ଼ ସହଯୋଗ ରହିଛି । ଏହି ଅବସରରେ ଆଜି ସ୍ୱାକ୍ଷରିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି :

**VO-1-PM-MODI-INI-NDIA---EU--BUSINESS-FORUM**

# ପ୍ରଧାନ-ୟୁଜିସି

ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ୟୁ.ଜି.ସି.ର ନୂତନ ନିର୍ଦ୍ଦେଶାବଳୀ ଶିକ୍ଷାନୁଷ୍ଠାନ ପରିସରରେ ଜାତିଭିତ୍ତିକ ବୈଷମ୍ୟକୁ ଦୂର କରିବା ସହିତ ଏହାର ଅପବ୍ୟବହାରକୁ ରୋକିବ ବୋଲି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ ପ୍ରଧାନ କହିଛନ୍ତି, ଏହି ନିର୍ଦ୍ଦେଶାବଳୀର ଅପବ୍ୟବହାର ନ ହେବା କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ୟୁ.ଜି.ସି.ର ଦାୟିତ୍ୱ । ଏ ସଂକ୍ରାନ୍ତ ମାମଲା ସୁପ୍ରିମ୍‌କୋର୍ଟ୍‌ଙ୍କ ତଦାରଖରେ ରହିଥିବା ବେଳେ ସମସ୍ତ କାର୍ଯ୍ୟ ସମ୍ବିଧାନ ପରିସର ମଧ୍ୟରେ ସମ୍ପନ୍ନ ହେବ ବୋଲି ଶ୍ରୀ ପ୍ରଧାନ ସ୍ପଷ୍ଟ କରିଛନ୍ତି ।

ୟୁ.ଜି.ସି. ପକ୍ଷରୁ ଗତ ୧୩ ତାରିଖରେ ଜାରି ହୋଇଥିବା ଏହି ନିୟମାବଳୀ ଅନୁଯାୟୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଜାତିଭିତ୍ତିକ କିମ୍ବା ଯେକୌଣସି ପ୍ରକାର ଭେଦଭାବକୁ ତ୍ୱରିତ ସମାଧାନ କରିବା ନେଇ ପଦକ୍ଷେପ ଗ୍ରହଣ କରିବେ । ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ନେଇ ସ୍ୱତନ୍ତ୍ର କେନ୍ଦ୍ର, ସମାନତା କମିଟି, ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ୨୪ ଘଣ୍ଟିଆ ହେଲ୍ପଲାଇନ୍ ସ୍ଥାପନ କରିବାକୁ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ବାଧ୍ୟ ବୋଲି ଏହି ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି । ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ବାତାବରଣ ଏବଂ ବ୍ୟାପକ ଅନ୍ତର୍ଭୁକ୍ତ ଶିକ୍ଷା ପରିବେଶ ସୃଷ୍ଟି ଓ ଭେଦଭାବ ବିରୋଧି ମଞ୍ଚ ପ୍ରଦାନ କରିବାକୁ ଏହି ନିର୍ଦ୍ଦେଶାବଳୀ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସରକାର କହିଛନ୍ତି ।

## ବ୍ରହ୍ମପୁତ୍ର-ବୋଟ୍ କ୍ୟାପ୍‌ସାଇଜ୍

ଆସାମର ବ୍ରହ୍ମପୁତ୍ର ନଦୀରେ ଏକ ଦେଶୀ ଡଙ୍ଗା ବୁଡ଼ିଯିବାରୁ ୭ ଜଣ ଯାତ୍ରୀ ନିଖୋଜ ଅଛନ୍ତି । ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଏବଂ ଶିଶୁଥିବା ଆଶଙ୍କା କରାଯାଉଛି । ବାର୍‌ପେଟା ଜିଲ୍ଲାର ରାହାମ୍‌ପୁର ଏବଂ ବାର୍‌ହୋଲାଚେଙ୍ଗା ମଧ୍ୟରେ ଏହି ଡଙ୍ଗାଟି ଯାତ୍ରା କରୁଥିବା ବେଳେ ଅଧିକ ଯାତ୍ରୀ ଯୋଗୁଁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣାପଡ଼ିଛି । ଏସ୍.ଡି.ଆର୍.ଏଫ୍. ଦଳ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

## ମଷ୍ଟଆନାଉନ୍ସମେଣ୍ଟ

ବଜେଟ୍ ଅଧିବେଶନ ପରିପ୍ରେକ୍ଷୀରେ ଆକାଶବାଣୀ ସମ୍ବାଦସେବା ବିଭାଗ ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ବିଶେଷ ଆଲୋଚନା କାର୍ଯ୍ୟକ୍ରମ **ଇସୁଜ୍ ବିଫୋର୍ ପାର୍ଲାମେଣ୍ଟ ଏବଂ ସଂସଦ୍ କେ ସମ୍ମୁଖ ମୁଦେ** ପ୍ରସାରଣ କରାଯିବ । ଏଫ୍‌ଏମ୍ ରେନ୍‌ବୋ ଏବଂ ଅତିରିକ୍ତ ଫ୍ରିକ୍ୱେନ୍‌ସି ମାଧ୍ୟମରେ ଏହି କାର୍ଯ୍ୟକ୍ରମ ରାତି ସାଢ଼େ ୯ଟାରୁ ୧୦ଟା ପର୍ଯ୍ୟନ୍ତ ପ୍ରଚାରିତ ହେବ । **NEWS ON AIR DOT GOV DOT IN** ୱେବ୍‌ସାଇଟ୍ ଏବଂ **NEWS ON AIR OFFICIAL YOUTUBE** ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

# ଅଣ୍ଡର ନାଇଣ୍ଟିନ୍ ୱାର୍ଲ୍ଡକପ୍

୧୯ ବର୍ଷରୁ କମ୍ ପୁରୁଷବର୍ଗ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଭାରତ ଜିମ୍ବାୱେ ସମ୍ମୁଖରେ ୩୫୩ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ନ୍ୟୁଜିଲାଣ୍ଡର ବୁଲାୱାଇଓ ଠାରେ ଚାଲିଥିବା ସୁପର୍ ସିକ୍ସ ପର୍ଯ୍ୟାୟର ଏହି ମ୍ୟାଚ୍‌ରେ ଜିମ୍ବାୱେ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୫୦ ଓଭରରେ ଭାରତ ୮ ୱିକେଟ୍ ବିନିମୟରେ ୩୫୨ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ଭି.ଏମ୍. ମାଲହୋତ୍ରା ଅପରାଜିତ ୧୦୯ରନ୍‌ର ପାଳି ଖେଳିଥିବା ବେଳେ ବୈଭବ ସୂର୍ଯ୍ୟବଂଶୀ ୫୨ରନ୍, ଏ.ଏ. କୁଣ୍ଡୁ ୬୧ରନ୍ ସଂଗ୍ରହ କରିଥିଲେ । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଜିମ୍ବାୱେ ୧୯ ଓଭରରେ ୩ ୱିକେଟ୍ ବିନିମୟରେ ୬୨ରନ୍ କରିଛି ।